# Akashvani, Sambalpur

## SAMBALPURI NEWS BULLETIN

### 3 October 2023- 6.47- 6.52 am.

*********************************************

ୟୁଜିସି- ସାଇବର୍ ସଚେତନତା ଆର୍‌ଏନ୍‌ୟୁ କଟକ୍

ସାଇବର୍ ଅପରାଧ୍ ଆର୍ ଡିଜିଟାଲ୍ ଠକେଇ ଗୁଟେ ବଡ଼୍ ସମସ୍ୟା ଦେଖାଦେଇଥିବାର୍‌ନୁ ଇଟାକେ ରୁକ୍‌ବାର୍ ଲାଗି ଶିକ୍ଷାନୁଷ୍ଠାନ୍ ମାନ୍‌କେ ଛାତ୍ରଛାତ୍ରୀମାନ୍‌କୁ ସଚେତନ୍ କରାଯିବା ବଲି ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ - ୟୁଜିସି ତର୍‌ଫୁ ପଦକ୍ଷେପ୍ ନିଆଯାଉଛେ । ଯୁବପିଢ଼ି ଇନୁ ସୁରକ୍ଷିତ୍ ରହେବାର୍ ସହେତେ ସମାଜ୍‌କେ ସତର୍କ କର୍‌ବାର୍ ଲକ୍ଷ୍ୟ ନେଇକରି ୟୁଜିସି ତର୍‌ଫୁ ସାଇବର୍ ସିକ୍ୟୁରିଟି ପାଠ୍ୟକ୍ରମ୍ ଆରମ୍ଭ କରାଯିବା । ସ୍ନାତକ ଆର୍ ସ୍ନାତକୋତର ଶ୍ରେଣୀଥି ଛାତ୍ରଛାତ୍ରୀମାନ୍‌କର୍ ପାଠ୍ୟକ୍ରମ୍‌ଥି ଇ ବିଷୟ ସାମିଲ୍ କର୍‌ବାର୍ ଲାଗି ସିଲାବସ୍ ତିଆର୍ କରାଯାଇଛେ । ବିଶ୍ୱବିଦ୍ୟାଳୟ ଆଉ ଇତାର୍ ଅଧୀନ୍‌ଥି ଥିବା କଲେଜ୍‌ମାନ୍‌କେ ସାଇବର୍ ବାବଦ୍ ପାଠ୍ୟକ୍ରମ୍ ଜଲ୍‌ଦି ଲାଗୁ କର୍‌ବାର୍ ଲାଗି ୟୁଜିସି ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଧର୍ମେନ୍ଦ୍ର ପ୍ରଧାନ୍-ଦିବ୍ୟାଙ୍ଗଜନ ଆର୍‌ଏନ୍‌ୟୁ କଟକ୍

ଦିବ୍ୟାଙ୍ଗ ପିଲାମାନେ ଅସାଧାରଣ ପ୍ରତିଭାର୍ ଅଧିକାରୀ ହେଇଥିସନ୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ନ ହେଇଥିବା ଦିବ୍ୟାଙ୍ଗଜନ ସ୍ୱାଭିମାନ୍ ସମ୍ମାନ୍ ସମାରୋହଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ଯେ, ଦିବ୍ୟାଙ୍ଗ ମାନେ ନବସୃଜନର୍ ଅଧିକାରୀ ଆନ୍ । ସେ କହିଛନ୍ ଯେ, ଅମୃତ କାଲ୍‌ଥି ଏନ୍ତା ବ୍ୟବସ୍ଥା ତିଆର୍ କର୍‌ବାର୍‌କେ ହେବା, ଯେନ୍‌ଥି ଦିବ୍ୟାଙ୍ଗ ପିଲାଙ୍କର୍ ଲାଗି ସମାନ୍ ସୁଯୋଗ୍ ଆର୍ ସ୍ୱାଭିମାନ୍ ସହେତେ ବଂଚ୍‌ବାର୍ ବାଟ୍ ପ୍ରଶସ୍ତ କର୍‌ବା । ଦିବ୍ୟାଙ୍ଗ ମାନ୍‌କୁ ସମାନ୍ ଅଧିକାର୍ ସଙ୍ଗେ ବଂଚ୍‌ବାର୍ ପରିବେଶ୍ ସୃଷ୍ଟି କର୍‌ବାର୍ ଜରୁରୀ ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଅନୁରାଗ୍ ସିଂ-ଖେଲାଲି ସମ୍ବର୍ଦ୍ଧିତ ଆର୍‌ଏନ୍‌ୟୁ କଟକ୍

କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ଅନୁରାଗ୍ ସିଂ ଠାକୁର୍ ସୁଟିଂ, ଉଶୁ, ଟେନିସ୍ ର ଏସିଆନ୍ ଗେମ୍ସ ପଦକ୍ ବିଜେତାମାନ୍‌କୁ ଗଲାକାଏଲ୍ ନୂଆଦିଲ୍ଲୀ ନ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ସମ୍ବର୍ଦ୍ଧିତ୍ କରିଛନ୍ । ଏସୀୟ ଗେମ୍ସଥି ଉଲ୍ଲେଖନୀୟ ପ୍ରଦର୍ଶନ୍ ଲାଗି ଆଥ୍‌ଲେଟ୍ ମାନ୍‌କୁ ଅଭିନନ୍ଦନ୍ ଜନେଇକରି କ୍ରୀଡ଼ାଥି ଉନ୍ନତ୍ ହେବାର୍ ଲାଗି ସେମାନେ ଆବଶ୍ୟକ୍ କରୁଥିବା ସବୁ ସାହାଜ୍‌କେ ଯୁଗେଇ ଦେବାର୍ ଲାଗି ପ୍ରତିଶ୍ରୁତି ଦେଇଛନ୍ ।

କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର-ଓଡିଶା ଗସ୍ତ/ଆର୍‌ଏନ୍‌ୟୁ ସମ୍ବଲପୁର

କେନ୍ଦ୍ର ସୂଚନା ଆଉ ପ୍ରସାରଣ, ଯୁବ ବ୍ୟାପାର ଆର୍ କ୍ରୀଡା ମନ୍ତ୍ରୀ ଅନୁରାଗ ସିଂ ଠାକୁର ଆଏଜ୍ ଓଡିଶା ଗସ୍ତନ୍ ଆସୁଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଠାକୁର୍ ଉତ୍କଳ ବିଶ୍ୱବିଦ୍ୟାଳୟ ନ ହେବାର୍‌କେ ଥିବା 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମଥି ଯୋଗ୍ ଦେବେ । ଇତାର୍‌ସହେତେ ସେ ଭୁବନେଶ୍ୱର ଆଉ କଟକ ନ ଦୁଇଟା ଘରୋଇ ଅନୁଷ୍ଠାନ୍‌ର ସ୍ୱତନ୍ତ୍ର ଉତ୍ସବଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛେ ।

ମନ୍ତ୍ରୀ ଶ୍ରୀ ଠାକୁର  ସକାଲ୍‌ର ୯ ବାଜିକରି ୫ ମିନିଟ୍‌ଥି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର୍ ନ ପୁହୁଂଚିବେ । ଇତାର୍‌ଉତ୍‌ରୁ  ସକାଳର୍ ୧୦ ବଜେ ଭୁବନେଶ୍ୱର ଠାନେ ବିଜେପି ରାଜ୍ୟ ମୁଖ୍ୟାଳୟ ନ ଗୁଟେ ସାମ୍ବାଦିକ ସମ୍ମିଳନୀକେ ସମ୍ବୋଧନ୍ କର୍‌ବେ । ଇ ସବୁ କାର୍ଯ୍ୟକ୍ରମ ସର୍‌ଲା ଉତ୍‌ରୁ ମନ୍ତ୍ରୀ ଶ୍ରୀ ଠାକୁର ସଞ୍ଜ୍‌ବେଲେ ନୂଆଦିଲ୍ଲୀ ଫିର୍‌ବେ ।

ଆୟୁସ୍ମାନ୍ ଭବ- ଅଙ୍ଗଦାନ          ଆର୍‌ଏନ୍‌ୟୁ କଟକ୍

ଦେଶେ ସେବା ସପ୍ତାହ ଅବ୍ସରେ ହେଇଥିବା 'ଆୟୁସ୍ମାନ୍ ଭବ' ଅଭିଯାନ୍ଥି ୫୦ ହଜାର୍ନୁ ଅଏତ୍କା ଲୋକ୍ ଅଙ୍ଗଦାନ ଲାଗି ସଂକଳ୍ପ ନେଇଥିବାର୍ କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମନ୍ସୁଖ୍ ମାଣ୍ଡଭିୟ କହିଛନ୍ । ଡକ୍ଟର୍ ମାଣ୍ଡଭିୟ ସାମାଜିକ୍ ଗଣମାଧମ୍ଥି ଅଙ୍ଗଦାନ୍ ଲାଗି ଆଗେଇ ଆସ୍ବାର୍କେ ଲୁକ୍କୁ ଆହ୍ୱାନ୍ ଦେଇଛନ୍ । ସୂଚ୍ନା ଅନ୍ସାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲା ମାସ ୧୩ ତାରିଖ୍ ଦିନ ଆୟୁସ୍ମାନ୍ ଭବ ଅଭିଯାନ୍ର ଶୁଭାରମ୍ଭ କରିଥିଲେ ।

ବିଧାନ୍ସଭା ଆର୍ଏନ୍ୟୁ କଟକ୍

ବିଧାନ୍ସଭା ନ ଆଏଜ୍ ଅତିରିକ୍ତ ବ୍ୟୟମଞ୍ଜୁର୍ ବିଧେୟକ ଆଗତ୍ ହେବା । ୨୮ ହଜାର୍ ୨ ଶହ କୋଟି ଟଙ୍କାର୍ ବ୍ୟୟ ବିଧେୟକ୍ ଉପ୍ରେ ଗୃହ ନ ଆଲୋଚନା ହେବା ବଲି ଜନାପଡ଼ିଛେ । ଇ ଅଧିବେଶନ୍ଥି ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ୍ ଚଲ୍ତି ଆର୍ଥିକ୍ ବଛର୍ ଲାଗି ୨୮ ହଜାର୍ ୨ ଶହ କୋଟି ଟଙ୍କାର୍ ଅତିରିକ୍ତ ବଜେଟ୍ ଗୃହ ନ ଉପସ୍ଥାପନ୍ କରିଥିଲେ ।

ପିଜି ନାଁଲେଖା ଆର୍ଏନ୍ୟୁ ସମ୍ବଲପୁର୍

୨୦୨୩-୨୪ ଶିକ୍ଷା ବଛର୍ ଲାଗି ରାଜ୍ୟର୍ ବିଶ୍ୱବିଦ୍ୟାଲୟମାନ୍‌କେ ୨ ନମ୍ବର୍ ଖେପ୍ ପିଜି ନାଁଲେଖା ଆଏଜ୍‌ନୁ ମୁଲ୍ ହେବା । ଆଏଜ୍ ସଖାଲର୍ ୧୦ ବଜେନୁ ୫ ତାରିଖ୍ ଉପର୍‌ବେଲା ୫ ବଜେତକ୍ ମନୋନୀତ୍ ଛାତ୍ରଛାତ୍ରୀମାନେ ନାଁ ଲେଖେଇପାର୍‌ବେ । ୧୦ ତାରିଖ୍ ଉପର୍‌ବେଲାର୍ ୨ ବଜେ ଅଗ୍‌ଲି ଯାଇଥିବା ସିଟ୍ ଲାଗି ମେଧା ତାଲିକା ବାହାର୍‌ବା । ଇଥି ବଛା ଯାଇଥିବା ଛାତ୍ରଛାତ୍ରୀମାନେ ୧୨ ତାରିଖ୍ ଉପର୍‌ବେଲା ୫ ବଜେତକ୍ ନାଁ ଲେଖେଇପାର୍‌ବେ । ୧୩ ତାରିଖ୍ ରାତି ୯ ବଜେ ଭିତ୍‌ରେ ଶିକ୍ଷାନୁଷ୍ଠାନ୍‌ମାନେ ଇ-ସ୍ୱେଶ୍ ଥି ନାଁଲେଖା ବାବ୍‌ଦେ ସବୁ ତଥ୍ୟ ଅପ୍‌ଲୋଡ୍ କର୍‌ବେ । ପହେଲା ଖେପେ ସିଟ୍ ଭର୍ତି ନାଇଁ ହେବାର୍‌ନୁ ୨ ନମ୍ବର୍ ଖେପ୍ ନାଁଲେଖା ପ୍ରକ୍ରିୟା ମୁଲ୍ ହେଇଛେ ।

ଫୁଟ୍‌ବଲ୍- କର୍ମଶାଳା ଆର୍‌ଏନ୍‌ୟୁ ସମ୍ବଲପୁର୍

ବିଦ୍ୟାଳୟ ସ୍ତରଥି ଫୁଟ୍‌ବଲ୍‌କେ ପ୍ରୋତ୍ସାହିତ୍ କର୍‌ବାର୍ ଲାଗି ସମ୍ବଲ୍‌ପୁର୍‌ର ପିତାପାଲି ଠାନେ ଥିବା ସମ୍ବଲ୍‌ପୁର୍ ଫୁଟ୍‌ବଲ୍ ଏକାଡେମୀ ନ କ୍ରୀଡ଼ା ଶିକ୍ଷକ୍ ମାନ୍‌କର୍ ୨ ଦିନିଆ କର୍ମଶାଳା ମୁଲ୍ ହେଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ଶିକ୍ଷା ମନ୍ତ୍ରଣାଳୟର ଉପସଚିବ ଚରଣଜିତ ତନେଜା, ଫିପା ଫୁଟ୍‌ବଲ୍ ଫର୍ ସ୍କୁଲ୍‌ର ଜାତୀୟ ସଂଯୋଜକ ଅମ୍ଳାନ୍ କଲମ, ପ୍ରକଳ୍ପ ପ୍ରବନ୍ଧକ ଆଂଟୋନିଓ ସାଂଚେସ୍, ଅଖିଳ ଭାରତୀୟ ଫୁଟ୍‌ବଲ୍ ମହାସଂଘ

ତୃଣମୂଳ କମିଟି ଅଧ୍ୟକ୍ଷ ମୁଲ୍‌ରାଜ୍ ସିଂ ପ୍ରମୁଖ ମିଶିକରି ଇ କର୍ମଶାଳାକେ ଉଦ୍‌ଘାଟନ୍ କରିଥିଲେ । ଆନ୍ତରାଷ୍ଟ୍ରୀୟ ଫୁଟ୍‌ବଲ୍ ମହାସଂଘ-ଫିଫା ତର୍‌ଫୁ ମୁଲ୍ ହେଇଥିବା ଫୁଟ୍‌ବଲ୍ ଫର୍ ସ୍କୁଲ୍ ଯୋଜ୍‌ନା ଅଧିନ୍‌ଥି ଫିଫାର ୪ ଝନ୍ ପ୍ରଶିକ୍ଷକ ଭାରତ୍‌ର ପୂର୍ବ ଆଉ ପୂର୍ବୋତର ୧୩ ଟା ରାଜ୍ୟର୍ ୯୫ ଝନ୍ କ୍ରୀଡ଼ା ଶିକ୍ଷକଙ୍କୁ ତାଲିମ୍ ଦଉଛନ୍ ।

ସାଇବର୍ ରଥ-ସମ୍ବଲ୍‌ପୁର୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ନ ପୁଲିସ୍ ତର୍‌ଫୁ ସାଇବର୍ ସଚେତନତା ରଥର ଶୁଭାରମ୍ଭ କରାଯାଇଛେ । ଇ ଅବ୍‌ସରେ ଏସ୍.ପି. ମୁକେଶ୍ କୁମାର୍ ଭାମୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସଭାଥି ବିଧାୟକ୍ ନାଉରୀ ନାଏକ୍, ଉତରାଂଚଲ୍ ରାଜସ୍ୱ କମିଶନର୍ ସୁରେଶ୍ ଚନ୍ଦ୍ର ଦଲେଇ, ଉତରାଂଚଲ୍ ଆଇ.ଜି. ଡକ୍ଟର୍ ଦୀପକ୍ କୁମାର୍, ଜିଲ୍ଲାପାଲ୍ ଅନନ୍ୟା ଦାସ ଆର୍ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ୍ ପ୍ରମୁଖ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲଘୁଚାପ୍ ପ୍ରଭାବ୍‌ଥି ବର୍ଷା ଜାରି ରହିଛେ । ଝାର୍‌ଖଣ୍ଡ୍ ଆର୍ ଗାଙ୍ଗେୟ ଉପତ୍ୟକା ଉପ୍‌ରେ

ରହିଥିବା ଲଘୁଚାପ୍ ଦକ୍ଷିଣ ପଶ୍ଚିମ ଝାର୍ଖଣ୍ଡ ଆର୍ ଉତର୍ ଛତିଶ୍ଗଡ୍ ଉପ୍ରେ ଏଛେନ୍ ସକ୍ରିୟ ରହିଛେ । ଇ ଲଘୁଚାପ୍ ଓଡ଼ିଶାନୁ ଦୂର୍କେ ଯିବାର୍ନୁ ରାଏଜେ ବର୍ଷାର୍ ପ୍ରକୋପ କମ୍ବା । ହେଲେ ଆଏବା ୨ ଦିନ୍ ଭିତ୍ରେ କେତେଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର କହିଛନ୍ । ଆଏଜ୍ ବର୍ଗଡ୍, ସମ୍ବଲ୍ପୁର୍, ଦେବ୍ଗଡ୍, ବଲାଙ୍ଗିର୍, ସୁବର୍ଣ୍ଣପୁର୍, ସୁନ୍ଦର୍ଗଡ୍ ଆର୍ ଝାର୍ସୁଗୁଡ଼ା  ଜିଲ୍ଲା ସହେତେ ୧୨ ଟା ଜିଲ୍ଲା ନ ଜବର୍ ବର୍ଷାର୍ ସମ୍ଭାବନା ରହିଛେ ।